## ଜଳିଗଲା ୩ ବଖରା

ତିହିଡ଼ି, (ସଞ୍ଜିତ ବଳ)- ତିହିଡ଼ି ବ୍ଲକ ପାିରହାଟ ଥାନା ଅଧୀନ ବାରସର ପଞ୍ଚାୟତ ଚାରିବୃତ୍ତି ଗ୍ରାମରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଚକ୍ରଧର ପରିଡ଼ାଙ୍କ ୩ ବଖରା ଘର ସହ ଏକ ପାଳଗଦା ଜଳିଯାଇଛି। ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଖବରପାଇ ତିହିଡ଼ିରୁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଅତୀତର ଗୌରବ ଖୋଜୁଛି ଶିବଗଙ୍ଗା

**ଧୂଷୁରୀ,୨୮।୧୨(ଦୀପ୍ତି ରଞ୍ଜନ ନାୟକ)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠର ଶିବଗଙ୍ଗା ପୁଷ୍କରିଣୀ ଅତୀତର ଗୌରବ ଖୋଜୁଛି। ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଆଳରେ କୋଟି କୋଟି ଟଙ୍କା ଖର୍ଚ୍ଚରେ କାମ ଚାଲିଛି। ହେଲେ ଏଯାଏ ପଷ୍କରିଣୀ ତା'ର ରୂପରେଖ ପାଇପାରି ନାହିଁ। ୨୦୧୭ଠାରୁ ଶିବଗଙ୍ଗା ତା'ର ମୌଳିକତା ହରାଇଛି। ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏହାକୁ ଶୁଖାଇ ଦିଆଯାଇଥିଲା। ପଙ୍କ ଉଦ୍ଧାର ସହ ନୂତନ ଭାବେ ଘାଟ ନିର୍ମାଣ ଓ ଚାରିପାଖରେ ଆଲୋକୀକରଣ ନିମନ୍ତେ ୯୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୩ ବର୍ଷରେ କାର୍ଯ୍ୟ ଶେଷ ହୋଇଥିଲା। ପୁଣି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇ ୨୦୨୨ ନଭେମ୍ବରଠାରୁ କାମ ଚାଲିଛି। ୨୦୨୩ରେ ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱ ପାଚେରୀ ଭୁଶୁଡ଼ି ପଡ଼ିଥିଲା। ଏବେ ମଧ୍ୟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପୋଖରୀ ଶୁଖିବା ଯୋଗୁ ବାବା ଆଖଣ୍ଡଳମଣିଙ୍କ ଦୈନନ୍ଦିନ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏହାକୁ ଆଖି ଆଗରେ ରଖି ମନ୍ଦିର ବେଢ଼ା ମଧ୍ୟରେ ଭୂତଳ ଜଳ ଉତ୍ତୋଳନ ପାଇଁ ବ୍ୟବସ୍ଥା କରାଯାଇଛି। ସେହି ଜଳରେ ବାବା ଆଖଣ୍ଡଳମଣିଙ୍କ ସ୍ନାନାଦି କାର୍ଯ୍ୟ କରାଯାଉଛି। ଅବଶ୍ୟ ଏବେ ପୁଷ୍କରିଣୀରେ ଜଳ ଭର୍ତ୍ତି କରାଯାଇଛି ଓ ଶିବମାହାରା ଦେଇ ପ୍ରତିଦିନ ନଦୀ ଜଳ ଯିବାଆସିବା କରୁଛି। କିନ୍ତୁ ପୁଷ୍କରିଣୀ ନିକଟରେ ବସବାସ କରୁଥିବା ଲୋକେ ଲୁଗା ସଫାଠାରୁ ଶୌଚ ହେବା କାର୍ଯ୍ୟ ମଧ୍ୟ କରୁଛନ୍ତି। ପ୍ରଶାସନିକ କଟକଣା ନ ଥିବାରୁ ଶିବଗଙ୍ଗାର ଜଳକୁ ଅପବ୍ୟବହାର ସହ ପ୍ରଦୂଷିତ କରାଯାଉଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ନିକଟରେ ଥିବା ବୈତରଣୀ ଜଳରାଶି ଶିବମାହାରା ଦେଇ ପ୍ରତିଦିନ ଏହି ପୁଷ୍କରିଣୀକୁ ପ୍ରବେଶ କରୁଥିଲା। ସେଥିପାଇଁ ଏହାର ଜଳରାଶି ବିଶୁଦ୍ଧ ରହିଥିଲା।



ଶ୍ରଦ୍ଧାଳୁମାନେ ଶିବଗଙ୍ଗାରେ ସ୍ନାନ କରି ପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମଣ୍ଡପରେ ବୂଳ ପକାଇ ସାରିବା ପରେ ଭକ୍ତମାନେ ନିଜର ପିଲାମାନଙ୍କୁ ଏଠାରେ ସ୍ନାନ କରାଉଥିଲେ। ବର୍ଷକ ଯାକ ଏହି ପୁଷ୍କରିଣୀରେ ଜଳ ଭରପୂର ରହୁଥିଲା। ଏହାର ମୁଖ୍ୟ ଘାଟ ପ୍ରଭୁଙ୍କ ସେବାକାର୍ଯ୍ୟ ଓ ସେବାୟତଙ୍କ ବ୍ୟବହାର ପାଇଁ ନିର୍ମିତ ହୋଇଥିବା ବେଳେ ଅନ୍ୟ ୪ଟି ଘାଟ ଶ୍ରଦ୍ଧାଳୁଙ୍କ ବ୍ୟବହାର ଲାଗି ଉଦ୍ଦିଷ୍ଟ ଥିଲା। ଖରାଦିନେ ପାଣି ଶୁଖିଯିବ ବୋଲି ପୁଷ୍କରିଣୀକୁ ପାଇପ୍ ଯୋଗେ ଭୂତଳ ଜଳ ଯୋଗାଇ ଦିଆଯିବାର ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଏଠାରେ କରାଯାଇଛି। ଶିବଗଙ୍ଗା ବକ୍ଷରେ ବାବା ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ନାବକେଳି କରନ୍ତି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

- ସରୁନି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ
- କଟକଣା ନ ଥିବାରୁ ପୋଖରୀ ଜଳର ଅପବ୍ୟବହାର
- ଦୂଷିତ ହେଉଥିବା ନେଇ ଅସନ୍ତୋଷ

ତଥା ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏନେଇ ପୂର୍ବତନ ଟ୍ରଷ୍ଟ ସଭ୍ୟ ଜୀବନାନନ୍ଦ ପାଢ଼ୀ କହନ୍ତି, ଶିବଗଙ୍ଗାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଶିବରାତ୍ରି ପୂର୍ବରୁ ସରିବା ଉଚିତ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, ପୁଷ୍କରିଣୀକୁ ଅପରିଷ୍କାର କରୁଥିବା ସ୍ଥାନୀୟ ଲୋକଙ୍କୁ ବାରମ୍ବାର ବାରଣ କରାଯାଉଛି। ହେଲେ ପୂର୍ବପୁରୁଷ ପୁଷ୍କରିଣୀରେ ଯେମିତି ଚଳୁଥିଲେ, ସେମାନେ ସେମିତି ଚଳିବେ ବୋଲି ଆଳ ଦେଖାଇ ନିୟମ ମାନୁ ନାହାନ୍ତି। ପରବର୍ତ୍ତୀ ଟ୍ରଷ୍ଟ ବୋର୍ଡ ବୈଠକରେ ଆଲୋଚନା କରାଯାଇ ନିୟମ କଡ଼ାକଡ଼ି କରାଯିବ।

## ଖବର ପଢ଼ି ଠକାମିରୁ ବର୍ତ୍ତିଲେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ




ଧାମନଗର ଥାନା ଆଗରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବିଦ୍ୟାଧର ରାଉତ।

**ଧାମନଗର,୨୮।୧୨(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଢ଼ିଆ)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ଏବେ କୃଷି ଅଧିକାରୀ ପରିଚୟ ଦେଇ କ୍ରମାଗତ ଭାବେ ଠକେଇ ଚାଲିଛି। ଅବସରପ୍ରାପ୍ତ ସରକାରୀ ଅଧିକାରୀମାନଙ୍କୁ ଲୁଟେରା ଗ୍ୟାଙ୍ଗ୍ ଟାର୍ଗେଟ୍ କରୁଛନ୍ତି। ଅବସରପ୍ରାପ୍ତ ଅଧିକାରୀଙ୍କ ପାଖରେ ପହଞ୍ଚି ନିଜକୁ କୃଷି ବିଭାଗ ଅଧିକାରୀ କହି ଘରେ ବସି କୃଷି ଯନ୍ତ୍ରପାତି ବିତରଣ କେନ୍ଦ୍ର ଖୋଲନ୍ତୁ। ଏ ବାବଦରେ ଟଙ୍କା, ଆନୁସଙ୍ଗିକ ସହଯୋଗ ସୁବିଧା ମିଳିବ ବୋଲି ପ୍ରଲୋଭନ ଦେଖାଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠକୁଛନ୍ତି। ଶନିବାର ଧାମନଗର ଥାନା ଅଧୀନ କମାରବନ୍ଧ ଗ୍ରାମର ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବିଦ୍ୟାଧର ରାଉତ ଏଇ ଠକାମିର ଶିକାର ହେବାକୁ ଯାଉଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

ବିଦ୍ୟାଧର ଦର୍ଶାଇଛନ୍ତି ଯେ, ଶୁକ୍ରବାର ମଧ୍ୟାହ୍ନରେ ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ଘରକୁ ଆସି କୃଷି ଅଧିକାରୀ ପରିଚୟ ଦେଇ ପ୍ରଲୋଭନ ଦେଖାଇ କଥା ହୋଇଥିଲେ। ରିହାତି ମୂଲ୍ୟରେ ଏକ ସରକାରୀ କୃଷି ଯନ୍ତ୍ରପାତି ବିକ୍ରୟ

### କୃଷି ଅଧିକାରୀ ପରିଚୟ ଦେଇ ଚାଲିଛି ଠକେଇ

କେନ୍ଦ୍ର ଖୋଲିବା ପାଇଁ ସରକାର ସ୍ଥିରୀକୃତ କରିଛନ୍ତି। ଏନେଇ ପ୍ରଥମେ ଘର ପାଖରେ ଥିବା ଜାଗାରେ ସାଇନ ବୋର୍ଡ ଲଗାଯିବା ବାବଦକୁ ୧ ହଜାର ଟଙ୍କା ବ୍ୟାଙ୍କ ଚେକ୍ ଦେବାକୁ ପଡ଼ିବ ବୋଲି କହିଥିଲେ। ପରେ ୧ ହଜାର ଟଙ୍କା କ୍ୟାସ୍ ଆକାରରେ ସେ ଦେଇଦେବେ କହିଥିଲେ। ଚେକ୍ ଦେବା ପରେ କହିବା ମୁତାବକ ସେ ୧ ହଜାର ଟଙ୍କା ଦେଇ ତୁରନ୍ତ ଚାଲିଯାଇଥିଲେ। ପରେ ଗଣମାଧ୍ୟମରେ ପ୍ରକାଶିତ ଖବର ପଢ଼ିବା ପରେ ସନ୍ଦେହ ହେବାରୁ ବିଦ୍ୟାଧର ବ୍ୟାଙ୍କକୁ ଯାଇ ଆକାଉଣ୍ଟକୁ ବନ୍ଦ କରି ଦେଇଥିଲେ। ଫଳରେ ସେ ଅଳ୍ପକେ ଠକାମିରୁ ବର୍ତ୍ତି ଯାଇଛନ୍ତି। ବିଦ୍ୟାଧରଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ପୂର୍ବରୁ ଗତ ୨୦ ତାରିଖରେ ଅନୁରୂପ ଢଙ୍ଗରେ ଦେହୁଡ଼ି ଆନନ୍ଦପୁର ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୭୧ ହଜାର, ଗୋବିନ୍ଦାଗଡିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକଙ୍କଠୁ ୮୧ ହଜାର ଓ ଗୁଡ଼ାକୁଟି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୯୧ ହଜାର ଟଙ୍କା ଠକେଇ ହୋଇଛି।

## ଆଇନଜୀବୀଙ୍କ ପରଲୋକ



**ଭଦ୍ରକ,୨୮।୧୨(ସନାତନ ରାଉତ)**– ଭଦ୍ରକ ଜିଲା କୋର୍ଟ ବରିଷ୍ଠ ଦେୱାନୀ ଓକିଲ ପ୍ରଫୁଲ୍ଲ କୁମାର ରାୟ(୭୪)ଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ମାସେରୁ ଊର୍ଦ୍ଧ୍ୱ ହେବ ବୃକକ୍‌ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ରାଜନେତା ହସ୍ପିଟାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀର ନଳାଙ୍ଗସ୍ଥିତ ଜିଲା କୋର୍ଟକୁ ନିଆଯିବା ପରେ ସେଠାରୁ ଶୋଭାଯାତ୍ରାରେ ଭଦ୍ରକ ମହତାବ ଛକସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ଓକିଲ ସଂଘର ସଭାପତି ବସନ୍ତ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ପବନ ଶର୍ମା, ଦିବ୍ୟସିଂହ ନାୟକ, ପର୍ଶୁରାମ ଦ୍ୱିବେଦୀ, ରାଧା ଦାସ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଅଧିବକ୍ତା ଗଦାଧର ବଳ, ଅତିଶ ବେହେରା, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ତାଙ୍କ ଜନ୍ମଭୂମି କଲେଇ ପଞ୍ଚାୟତର ବଳଭଦ୍ରପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ କରାଯାଇଛି। ସ୍ୱର୍ଗତ ରାୟଙ୍କ ଭାଇ ଭଦ୍ରକ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ ରାୟ, ପ୍ରାଧ୍ୟାପକ ପ୍ରଦୀପ୍ତ ରାୟ, ପୁତୁରା ପ୍ରିୟଦର୍ଶୀ ରାୟ, ଖବରଦାତା ପ୍ରମୋଦ ରାୟ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

## କଞ୍ଚାମାଲ ଅଭାବରୁ ଫେକରର ଗୋଟିଏ ଫର୍ନେସ୍ ବନ୍ଦ

### ଜିଲାପାଳଙ୍କୁ ଭେଟିଲେ ଛଟେଇ ଶ୍ରମିକ

**ଭଦ୍ରକ,୨୮।୧୨(ସନାତନ ରାଉତ)**

ଭଦ୍ରକ ଜିଲାର ଏକମାତ୍ର ଶିଳ୍ପାନୁଷ୍ଠାନ ଫେକର ଚାର୍ଜକ୍ରୋମ ପ୍ଲାଣ୍ଟ ୬ ମାସ ଧରି ବନ୍ଦ ରହିଛି। ଏହି ଶିଳ୍ପାନୁଷ୍ଠାନକୁ କଞ୍ଚାମାଲ ଯୋଗାଉଥିବା ଖଣିଗୁଡ଼ିକ ବନ୍ଦ ପଡ଼ିଥିବାରୁ ଚାର୍ଜକ୍ରୋମ ପ୍ଲାଣ୍ଟ ରୁଗ୍ଣ ଅବସ୍ଥା ଦେଇ ଗତି କରୁଛି। କଞ୍ଚାମାଲ ଅଭାବରୁ କର୍ତ୍ତୃପକ୍ଷ ଉପାୟ ଶୂନ୍ୟ ହୋଇ କାରଖାନାର ଗୋଟିଏ ଫର୍ନେସ୍ ବନ୍ଦ କରିବା ସହ ୩ ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ସାମୟିକ ଛଟେଇ କରିଛନ୍ତି। କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ସେମାନେ ଶୁକ୍ରବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଭଦ୍ରକ ବିଧାୟକ, ଏମ୍‌ପି, ଉଚ୍ଚ ଶିକ୍ଷା ମନ୍ତ୍ରୀ, ଖଣି ଓ ଇସ୍ପାତ ମନ୍ତ୍ରୀଙ୍କୁ ଏହାର ନକଲ ପ୍ରଦାନ କରିଛନ୍ତି।

୨୦୨୦ ମସିହାରେ ବେଦାନ୍ତ କମ୍ପାନୀ ଅଧିଗ୍ରହଣ କରିବା ପରେ ନୂତନ ଫର୍ନେସ୍ ସ୍ଥାପନ ହୋଇଥିଲା। ନୂଆ ଫର୍ନେସ୍ ସ୍ଥାପନ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ନିଯୁକ୍ତିର ଆଶା ସୃଷ୍ଟି ହେବା ସହ କର୍ମଚାରୀମାନଙ୍କ ସ୍ଥାୟିତ୍ୱ ଦୃଢ଼ ହେବ ବୋଲି ଭାବିଥିଲେ। କିନ୍ତୁ ପରିତାପର ବିଷୟ ଆବଶ୍ୟକ ପରିମାଣର କଞ୍ଚାମାଲ ଅଭାବରୁ ଶିଳ୍ପାନୁଷ୍ଠାନ ଏବେ ବନ୍ଦ ହେବାକୁ ବସିଛି ବୋଲି କର୍ମଚାରୀ ରାଜେଶ ସ୍ୱାଇଁ, ରାକେଶ ସ୍ୱାଇଁ, ସଞ୍ଜୟ ମହାପାତ୍ର, କିଷାନ ସେଠୀ, ସଂଗ୍ରାମ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିନାୟକ ମିଶ୍ର, ମନୋଜ ପତି, ନାରାୟଣ ପତି, କମଳାକାନ୍ତ ସାହୁ, ଦୈତାରୀ ପଲେଇ, ବାପୁନ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିବା ଅବସରରେ କହିଥିଲେ।



ଶ୍ରମିକମାନେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ବାସୁଦେବପୁର,୨୮।୧୨(ନାରାୟଣ ପ୍ରସାଦ ବାରିକ୍)–ବାସୁଦେବପୁର ପୌରପାଳିକା ନିଉଇଣ୍ଡିଆ ସାହି ଗ୍ରାମସ୍ଥିତ ବିଧାୟକଙ୍କ ବାସଭବନରେ ଶନିବାର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ. ମନମୋହନ ସିଂଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ, ସ୍ୱର୍ଗତ ସିଂ ବିଚକ୍ଷଣ ଅର୍ଥନୀତିଜ୍ଞ ଓ ନୀତିବାନ ରାଜନେତା ଭାବେ ସାରା ବିଶ୍ୱରେ ପରିଚିତ ଥିଲେ। ଦେଶକୁ ଆର୍ଥିକ ସଙ୍କଟରୁ ମୁକୁଳାଇ ଆର୍ଥିକ ଅଭିବୃଦ୍ଧି ହାରକୁ ବଢ଼ାଇଥିଲେ। ବ୍ଲକ କଂଗେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତିଙ୍କ ସମେତ ଦଳୀୟ କର୍ମୀ, ସରପଞ୍ଚ ଓ ସମିତିସଭ୍ୟମାନେ ସଭାରେ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶୋକ

ଧାମନଗର,୨୮।୧୨(ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର)– ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶନିବାର ଧାମନଗରସ୍ଥିତ ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ପରିଷଦ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନିଲ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ସାହୁ, ହୃଦାନନ୍ଦ କର, ନୃସିଂହ ଚରଣ ନାୟକ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ସେକ୍ ଅବଦୁଲ ହକିମ, ନରେନ୍ଦ୍ର ମଲ୍ଲିକ, ନରେନ୍ଦ୍ର ଦାସ, ହେମେନ୍ଦ୍ର ମହାନ୍ତି, ବୁଧିରାମ ବେହେରା, ବିଶ୍ୱନାଥ ବେହେରା, ଭୋଳାନାଥ ସାହୁ, ଧନଞ୍ଜୟ ଦାସ, ଗୋଲାମ ଜିଲାନି ହବିବି ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ଭିକାରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧିକାରୀ ନ ଆସିବାରୁ ମହିଳାଙ୍କ ହୋହଲ୍ଲା

### ମଦ ଦୋକାନ ଉଚ୍ଛେଦ ଦାବି

**ବନ୍ତ,୨୮।୧୨(ହରି ନାରାୟଣ ମହାନ୍ତି)**

ବନ୍ତ ବ୍ଲକ ଅଧୀନ କେନ୍ଦୁଆପଦା ପଞ୍ଚାୟତ ଗଣ୍ଡଗରା ଛକଠାରେ ଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଦିବ୍ୟଜ୍ୟୋତି ମହିଳା ମହାସଂଘର ସଦସ୍ୟଙ୍କ ସମେତ ଶତାଧିକ ମହିଳା ଶନିବାର ରୁଣ୍ଡିଭୂତ ହୋଇ ହୋହଲ୍ଲା କରିଛନ୍ତି। ବନ୍ତ-ବାରିକପୁର ରାସ୍ତାର ଗଣ୍ଡଗରା ଛକଠାରେ ଏକ ବିଦେଶୀ ମଦ ଦୋକାନ ରହିଛି। ଏଠାରେ ଲୋକେ ମଦ୍ୟପାନ କରି କାଚ ପୋତଲ ଭାଙ୍ଗି ନିକଟସ୍ଥ ଜମିକୁ ଫିଙ୍ଗୁଛନ୍ତି। ଫଳରେ ଚାଷ କାର୍ଯ୍ୟ ସମୟରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମଦ ଦୋକାନଠାରୁ ୩ଶହ ମିଟର ଦୂରରେ କେନ୍ଦୁଆପଦା କଲେଜ ଥିବାବେଳେ ଦୈନିକ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ମଦ ଦୋକାନ ଆଗରେ ଆଡ୍ଡା ଜମୁଥିବାରୁ ଛାତ୍ରୀଛାତ୍ର ଯିବାଆସିବା ବେଳେ ଭୟଭୀତ ହେଉଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନରୁ ମଦ ଦୋକାନ ଉଚ୍ଛେଦ ପାଇଁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଜିଲା ପ୍ରଶାସନଠାରେ ବାରମ୍ବାର ଦାବି କରିଆସୁଥିଲେ। ଚଳିତ ମାସ ୧୨ ଓ ୨୭ ତାରିଖରେ ସେମାନେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଏନେଇ ଅବଗତ କରାଇଥିଲେ। ଶନିବାର ଅଧିକାରୀମାନେ ଆସି ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ଅନୁଯାୟୀ ଶତାଧିକ ମହିଳା ଏଠାରେ ରୁଣ୍ଡିଭୂତ ହୋଇଥିଲେ। ଦୀର୍ଘ ସମୟ ଧରି କୌଣସି ଅଧିକାରୀ ଏଠାକୁ ନ ଆସିବାରୁ ମହିଳାମାନେ ଅସନ୍ତୋଷ ବ୍ୟକ୍ତ କରି ହୋହଲ୍ଲା କରିବା ସହ କିଛି ସମୟ ଧରି ରାସ୍ତା ଅବରୋଧ କରିଥିଲେ। କେନ୍ଦୁଆପଦା ଫାଣ୍ଡି ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ମହିଳାମାନେ ରାସ୍ତାରୁ ଉଠିଥିଲେ।

## 'ଜ୍ଞାନୀ ଗୁଣୀଙ୍କ ନିଷ୍କ୍ରିୟତା ଯୋଗୁ ସମାଜ ପଥଭ୍ରଷ୍ଟ ହେଉଛି'




ସ୍ୱାମିଜୀଙ୍କ ସହ ଶ୍ରଦ୍ଧାଳୁମାନେ।

**ଭଦ୍ରକ,୨୮।୧୨(ସନାତନ ରାଉତ)**

ପୂଜ୍ୟ ସାଧୁସନ୍ଥ ତଥା ସମାଜ ସଂସ୍କାରକମାନେ ସମାଜକୁ ଉପଯୁକ୍ତ ମାର୍ଗଦର୍ଶନ ଦେଇଥାନ୍ତି। ଏବେ ସମାଜରେ ଦିନକୁ ଦିନ ଅନ୍ୟାୟ, ଅତ୍ୟାଚାର ବଢ଼ି ଚାଲିଛି। ଅଜ୍ଞାନୀମାନଙ୍କ ପ୍ରଭାବ ବଢ଼ି ଚାଲିଥିବା ବେଳେ ଜ୍ଞାନୀ ଗୁଣୀ ଲୋକେ ନୀରବ ରହୁଛନ୍ତି। ସେମାନଙ୍କ ନିଷ୍କ୍ରିୟତା ଯୋଗୁ ସମାଜ ପଥଭ୍ରଷ୍ଟ ହେଉଛି ବୋଲି ଭଦ୍ରକରେ ରହଣୀ କାଳରେ ବିଶିଷ୍ଟ କ୍ରିୟା ଯୋଗୀ ପୂଜ୍ୟ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମହାରାଜ କହିଛନ୍ତି। ସ୍ୱାମିଜୀ ଶନିବାର ଜଳେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ଭଦ୍ରକ ବନ୍ତଛକସ୍ଥିତ ହୋଟେଲ ସିଟି ରେସିଡେନ୍ସିରେ ଶ୍ରଦ୍ଧାଳୁମାନଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ। ରାଷ୍ଟ୍ରର ରକ୍ଷା ହୋଇପାରିଲେ ଧର୍ମ ସଂସ୍କୃତିର ରକ୍ଷା ହୋଇପାରିବ ବୋଲି ସେ କହିଥିଲେ। ଭାରତ ବିକାଶ ପରିଷଦର ଭଦ୍ରକ ଶାଖା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ପରିଷଦର ବିଭୁ କଲ୍ୟାଣ ସ୍ୱାଇଁ, ବେଣୁଧର ସ୍ୱାଇଁ, ପ୍ରଦୀପ ପୁହାଣ, ପୁରୁଷୋତ୍ତମ ମହାନ୍ତି, ଗୋବିନ୍ଦ ରାଉତ, ନିରଞ୍ଜନ ସାହୁ, ଶରତ ପଢ଼ିଆରୀ, ସଞ୍ଜୀବ ମହାନ୍ତି, ଶ୍ରୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

**ଭଦ୍ରକ,୨୮।୧୨(ସନାତନ ରାଉତ/ରବିନାରାୟଣ ଖ୍ୱଲାର)**

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା(ଟାଓ) ଆନୁକୂଲ୍ୟରେ ଶନିବାର ୨୧ତମ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଉଦ୍‌ଘାଟିତ ହୋଇଛି। ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ, ଲକ୍ଷ୍ନୌର ସେକ୍ରେଟାରୀ ଜେନେରାଲ, ଡା. ଜିମ୍ମୀ ଆର୍ ଜାଗତିଆନି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟାଏକୋଣ୍ଡୋ ସାମରିକ କଳାର ମହତ୍ତ୍ୱ ଓ ଲୋକପ୍ରିୟତା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ଭାରତୀୟ ସେନାକୁ ଏହି ସାମରିକ କଳାରେ ତାଲିମ ଦେବା ପାଇଁ ଭାରତ ସରକାରଙ୍କ ଅନୁରୋଧକ୍ରମେ ସେ ୧୯୭୭ରେ ଦକ୍ଷିଣ କୋରିଆରୁ ଭାରତ ଆସିଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କାର୍‌ମେଲ୍ ସ୍କୁଲର ଅଧ୍ୟକ୍ଷା ସିଷ୍ଟର୍ ସୋମା, ଜ୍ୟୋତି କନ୍‌ଭେଣ୍ଟର ଅଧ୍ୟକ୍ଷ ଫାଦର୍ ଆଲେକ୍ସ, ସିଆଇଏସ୍‌ଏଫ୍‌ର ଶ୍ରାବଣୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଟାଓ କାର୍ଯ୍ୟନିର୍ବାହୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଯୋଗେଶ୍ୱର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ନୟାଗଡ଼, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ମାଲକାନଗିରି ଓ କିଟ୍ ବିଶ୍ୱବିଦ୍ୟାଳୟରୁ ମୋଟ ୩୭୨ ପ୍ରତିଯୋଗୀ ଓ ବ୍ଲାକବେଲ୍ଟ ନିମନ୍ତେ ୩୨ଜଣ ପରୀକ୍ଷାର୍ଥୀ ଯୋଗ ଦେଇଛନ୍ତି। 'ଖେରୋଗୀ' ଓ 'ପୁମ୍‌ସେ' ବିଭାଗର ଉଭୟ ବାଳିକା ଓ ବାଳକ ବର୍ଗରେ ମୋଟ ୨୨୫ଟି ପ୍ରତିଯୋଗିତା ପରିଚାଳନା ନିମନ୍ତେ କର୍ଣ୍ଣାଟକ ଟାଏକୋଣ୍ଡୋ ଆସୋସିଏଶନ ଅଧ୍ୟକ୍ଷ ଏମ୍. ସୁନ୍ଦରମ ଆୟାରଙ୍କ ନେତୃତ୍ୱରେ ୩୫ଜଣ ରେଫରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଟାଓ ଉପସଭାପତି ରମେଶ ପ୍ରଧାନ, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ସଦସ୍ୟ ପବନ କୁମାର ଶର୍ମା, ଗୌରାଙ୍ଗ ସାମଲ, ଭୂପେନ୍ଦ୍ର ବେହେରା, ବିଦ୍ୟାଧର ବାରିକ, ବିଶାଳ ଗୋପାଲ ଲଖାନୀ, ଅଜୟ କୁମାର ଧଳ, ହରିହର ବେହେରା, ବିପିନ କୁମାର ସାମଲ, ଅଶୋକ କୁମାର ସାହୁ, ଧନେଶ୍ୱର ଜେନା, ସୁରେଶ ନାୟକ, ହରିହର ବାରିକ, ସୁଧାକର ଜେନା, ସଦସ୍ୟା ଆଦ୍ୟାଶା ଦାସ, ତାରିଣୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଛନ୍ତି।



ସାମରିକ କଳା ପ୍ରଦର୍ଶନ କରୁଛନ୍ତି ପ୍ରତିଯୋଗୀ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଜମାହେଉଛି ବଜାର ଅଳିଆ

**ତିହିଡ଼ି,୨୮।୧୨(ସଞ୍ଜିତ ବଳ)**

ତିହିଡ଼ି ବଜାର ଅଳିଆରେ ଭରପୂର। ସ୍ୱାସ୍ଥ୍ୟକେନ୍ଦ୍ର, ଖାଙ୍କିହାଟ, ଡାକବଙ୍ଗଳା ଆଦି ସ୍ଥାନରେ କୁଢ଼ କୁଢ଼ ଅଳିଆ। ଏପରିକି ବଜାରରେ ବିଭିନ୍ନ ସ୍ଥାନରେ ଥିବା ଅଳିଆ କୁଣ୍ଡରେ ଅଳିଆ ଭର୍ତ୍ତି ହୋଇ ଚାରିଆଡ଼େ ଖେଳି ଯାଇଛି। ଏହାକୁ ସଫା କରାଯାଉ ନାହିଁ। ଫଳରେ ବଜାରର ଦୋକାନୀମାନେ ପାଖରେ ଥିବା ତିହିଡ଼ି ଡାକ୍ତରଖାନା ପରିସରରେ ଅଳିଆ ପକାଉଛନ୍ତି। ଏହି ଅଳିଆ ଯୋଗୁ ପ୍ରଦୂଷଣ ବଢ଼ିବାରେ ଲାଗିଥିଲେ ବି ପ୍ରତିକାର ବ୍ୟବସ୍ଥା କରା ନ ଯିବା ପରିତାପର ବିଷୟ ହୋଇଛି।

ତିହିଡ଼ି ବ୍ୟସ୍ତବହୁଳ ବଜାର ଭାବେ ପରିଗଣିତ। ପ୍ରତିଦିନ ବଜାରକୁ ବିଭିନ୍ନ କାମ ନେଇ ଆଖପାଖ ଅଞ୍ଚଳ ଓ ପଡ଼ୋଶୀ ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବ୍ଲକରୁ ବହୁ ଲୋକ ଆସିଥାନ୍ତି। ଏହାବ୍ୟତୀତ ସପ୍ତାହର ସୋମବାର ଓ ଶୁକ୍ରବାର ହାଟ ବସିଥାଏ। ଏହି ଦୁଇଦିନ ବଜାରରେ ବେଶ୍ ଗହଳି ଲାଗିଥାଏ। ସେହିପରି ଥାନା, ଡାକ୍ତରଖାନା, ବ୍ୟାଙ୍କ ଓ ବ୍ଲକ କାର୍ଯ୍ୟାଳୟ ପ୍ରାୟତଃ ପାଖାପାଖି ରହିଛି। ଲୋକେ ବଜାରର ପରିବେଶକୁ ନେଇ ନକାରାତ୍ମକ ମନ୍ତବ୍ୟ ଦେଉଥିଲେ ମଧ୍ୟ ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ନ ପଡ଼ିବା ବିସ୍ମୟ ସୃଷ୍ଟି କରିଛି। ବଜାରରେ ଥିବା ଶତାଧିକ ଦୋକାନୀ ପ୍ରତିଦିନ ଅଳିଆ ଗଦା କରୁଛନ୍ତି। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରର ଗୋଟିଏ ପାର୍ଶ୍ୱ କେବଳ ଅଳିଆ ଗଦା। ସେହିପରି ଖାଙ୍କିହାଟ ଭିତରେ ଓ ପାର୍ଶ୍ୱରେ, ଡାକବଙ୍ଗଳା ସାମ୍ନା ସହ ବଜାରର ବିଭିନ୍ନ ସ୍ଥାନ ଅଳିଆ ଗଦାରେ ପରିପୂର୍ଣ୍ଣ ହୋଇଛି। ତେବେ ଅଳିଆ ଜମା କରିବାକୁ ବଜାରର ବିଭିନ୍ନ ସ୍ଥାନରେ କୁଣ୍ଡ ନିର୍ମାଣ କରାଯାଇଥିଲା।



କୁଣ୍ଡରୁ ଖେଳେଇ ହୋଇ ପଡ଼ିଛି ଅଳିଆ।

- ସଫା ହେଉନି କୁଣ୍ଡ
- ଅଳିଆରେ ଭରପୂର ଖାଙ୍କିହାଟ

ଏହି କୁଣ୍ଡ ଅଳିଆରେ ପୂରି ଯାଇଥିଲେ ମଧ୍ୟ ସଫା କରାଯାଉ ନାହିଁ। ଫଳରେ କୁଣ୍ଡ ଅଳିଆ ବଜାରର ବିଭିନ୍ନ ସ୍ଥାନରେ ଖେଳେଇ ହୋଇପଡ଼ିଛି। ଏହାଦ୍ୱାରା ବଜାରର ପରିବେଶ ପ୍ରଦୂଷିତ ହେଉଛି। ଅସରାଏ ବର୍ଷା ପରେ ଅଳିଆରୁ ଦୁର୍ଗନ୍ଧ ବାହାରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅଳିଆ ଯଦି ସଫା କରା ନ ଯିବ ତେବେ ଅଯଥାରେ କାହିଁକି କୁଣ୍ଡ ତିଆରି ହେଉଥିଲା, ସେନେଇ ପ୍ରଶ୍ନ ଉଠୁଛି। ସ୍ୱଚ୍ଛତା ଉପରେ ସବୁଆଡ଼େ ଗୁରୁତ୍ୱ ଦିଆଯାଉଥିଲା ବେଳେ ତିହିଡ଼ି ବଜାରରେ ଏପ୍ରକାର ପରିସ୍ଥିତି ଉପୁଜିବା ଦୁର୍ଭାଗ୍ୟର ବିଷୟ ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭକାନ୍ତ ଓଝାଙ୍କୁ ପଚାରିବାରୁ ଡାକ୍ତରଖାନା ପରିସରରେ ଅଳିଆ ନ ପକାଇବାକୁ ଦୋକାନୀମାନଙ୍କୁ ବାରମ୍ବାର ତାଗିଦ୍ କରାଯାଇଥିଲେ ମଧ୍ୟ ସେମାନେ ମାନୁ ନ ଥିବା କହିଛନ୍ତି।

## ମହିଳାଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ପଳଶା ନିକଟସ୍ଥ ଏକ ଖଣି ଡମ୍ପ ନିକଟରେ ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଶନିବାର ଅପରାହ୍ଣରେ ପୋଲିସ ଘଟଣାସ୍ଥଳାରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ମୃତଦେହ ବହୁ ଦିନରୁ ପଡ଼ିଥିବାରୁ ମୁହଁ ଦେଖି ଚିହ୍ନି ହେଉନାହିଁ। ତେବେ ପାଖରେ ପଡ଼ିଥିବା ଲୁଗାକୁ ଦେଖି ମହିଳା ଜଣକ ବଳଦା ପଞ୍ଚାୟତ ଟାଟ ପାଣି ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ମହିଳାଙ୍କୁ କେହି ହତ୍ୟା କରି ଏଠାରେ ପକାଇଥିବା ଚର୍ଚ୍ଚା ହେଉଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଆକ୍ରମଣରେ ଯୁବକ ଗୁରୁତର
### ପୁଣି ବାଲି ଚାଲାଣକାରୀଙ୍କ ଦାଦାଗିରି

ଉଦଳା,୨୮।୧୨(ସନ୍ତୋଷ କୁମାର ବାଛିନୀ )

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧିକାରୀଙ୍କୁ ବାଲି ଚାଲାଣକାରୀମାନେ ଆକ୍ରମଣ କରିବା ଘଟଣାକୁ ସପ୍ତାହେ ବିତି ନ ଥିବା ବେଳେ ପୁଣି ଏହି ଥାନା ଅଞ୍ଚଳରେ ବାଲି ଚାଲାଣକାରୀଙ୍କ ଦାଦାଗିରି ଦେଖିବାକୁ ମିଳିଛି। ଦ୍ରୁତ ଗତିରେ ଚୋରା ବାଲି ବୋଝେଇ ଟ୍ରାକ୍ଟର ଚଳପ୍ରଚଳ କରିବାକୁ ବାରଣ କରିବାରୁ ଚାଲାଣକାରୀମାନେ ଜଣେ ଯୁବକଙ୍କୁ ଗାଁ ରାସ୍ତାରେ ନିର୍ଘାତ ମାଡ଼ ମାରିଛନ୍ତି। ପଥରରେ ତାଙ୍କ ମୁଣ୍ଡକୁ ଛେଚି ଲହୁଲୁହାଣ କରିଛନ୍ତି। ଗୁରୁତର ଯୁବକ ହେଲେ ମାନସ କୁମାର ସାହୁ। ଶୁକ୍ରବାର ରାତିରେ କପ୍ତିପଦା ଥାନା ବଜରପୁର ବାଲି ଘାଟରୁ ଚୋରା ବାଲି ଚାଲାଣ ହେଉଥିଲା। ଟ୍ରାକ୍ଟର ଗାଁ ଭିତର ଦେଇ ଦ୍ରୁତଗତିରେ ଯିବା ଆସିବା କରୁଥିଲା। ଉକ୍ତ ଗ୍ରାମର ମାନସ କୁମାର ସାହୁ ଟ୍ରାକ୍ଟର ଅଟକାଇ ଦ୍ରୁତଗତିରେ କ'ଣ ପାଇଁ ଗାଡ଼ି ଚଳାଉଛ ବୋଲି ପଚାରିବାରୁ ବାଲି ଚାଲାଣକାରୀ ରାକେଶ ବିଦ୍ଧାଣୀ ଓ ତାଙ୍କର ଅନ୍ୟ ୪/୫ ଜଣ ସହଯୋଗୀ ମାନସଙ୍କୁ ଆକ୍ରମଣ କରିଥିଲେ। ମାନସଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ କପ୍ତିପଦା ଡାକ୍ତରଖାନା ଓ ପରେ ବାରିପଦା ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା(ନଂ. ୩୨୫/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଙ୍ଗଲ ବଦଳାଉଛି ଜିନ୍ନତ

■୨୧ ଦିନରେ ଚାଲିଲାଣି ୨୦୮ କି.ମି.
■ଶିମିଳିପାଳ ଫେରିବା ନେଇ ଆଶଙ୍କା

ବାରିପଦା,୨୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଛାଡ଼ିଥିବା ଦୁଇ ବାଘୁଣୀ ଯମୁନା ଓ ଜିନ୍ନତ ଫେରିବା ଆଶା କ୍ଷୀଣ ହେଉଛି। କୁଲଡ଼ିହା ଅଭୟାରଣ୍ୟ ପଳାଇଥିବା ଯମୁନା ଫେରିବାର ନାଁ ଧରୁ ନ ଥିବା ବେଳେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲ ଘୁରି ବୁଲୁଛି ଜିନ୍ନତ। ଶିମିଳିପାଳ ଛାଡ଼ିବାର ୨୧ ଦିନ ମଧ୍ୟରେ ସେ ୨୦୮ କି.ମି. ରାସ୍ତା ଅତିକ୍ରମ କରିସାରିଲାଣି। ଅକ୍ଳାନ୍ତ ପରିଶ୍ରମ ପରେ ମଧ୍ୟ ୩ ରାଜ୍ୟ ବନ ବିଭାଗ କର୍ମଚାରୀ ତାକୁ ଧରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ବନ କର୍ମଚାରୀଙ୍କୁ ଚକମା ଦେଇ ସେ ସ୍ଥାନ ପରିବର୍ତ୍ତନ କରିବାରେ ଲାଗିଛି।

ଝାଡ଼ଖଣ୍ଡ ପରେ ପଶ୍ଚିମବଙ୍ଗର ପୁରୁଲିଆ ଜିଲା ବାନ୍ଦୱାନସ୍ଥିତ ରାଇକିଆ ପାହାଡ଼ ଅଞ୍ଚଳରେ ବିଚରଣ କରୁଥିବା ଜିନ୍ନତ ଏବେ ବାଙ୍କୁରା ଜିଲାରେ ପହଞ୍ଚିଛି। ଶନିବାର ସକାଳେ ସେ ରାଣୀବାଗ ଥାନା ଅଧୀନ ମୁକୁଟମଣିପୁରସ୍ଥିତ କନସାଇ ଜଳଭଣ୍ଡାର ନିକଟକୁ ଯାଇଥିଲା। ଶୁକ୍ରବାର ରାତି ପ୍ରାୟ ସାଢେ ୮ଟା ସମୟରେ ଖଞ୍ଜାଯାଇଥିବା ଜାଲକୁ ଡେଇଁ ଖସି ପଳାଇଥିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ବାଘୁଣୀକୁ ଧରିବା ପାଇଁ ବନ ବିଭାଗ ଦ୍ୱାରା ଟ୍ରାକର, ଡ୍ରୋନ୍ ନାଇଟ ଭିଜନ ଓ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଖଞ୍ଜାଯାଇଛି।



ପ୍ରତି ୪ ଘଣ୍ଟାରେ ସାଟେଲାଇଟ୍ ସୂଚନାକୁ ନେଇ ତା'ର ସ୍ଥିତି ଜଣା ପଡୁଥିଲା। ତେବେ ୩୦ ମିନିଟରୁ ଊର୍ଦ୍ଧ୍ୱ ସମୟ ତା'ର କୌଣସି ସନ୍ଧାନ ମିଳିପାରି ନ ଥିଲା। ୪ ଅନୁଧ୍ୟାନକାରୀ ଦଳ ବହୁ ଚେଷ୍ଟା କରିବା ପରେ ମଧ୍ୟ ଜିନ୍ନତର ସ୍ଥିତି ସମ୍ପର୍କରେ କୌଣସି ସୂଚନା ଦେଇପାରି ନ ଥିଲେ। ଶନିବାର ସକାଳେ ସେ କନସାଇ ନଦୀ ପାର ହୋଇ ଜଳଭଣ୍ଡାର ନିକଟ ଜଙ୍ଗଲରେ ବୁଲୁଥିବା ଜଣାପଡ଼ିଛି। ତେବେ ପ୍ରବଳ ଶୀତ ଯୋଗୁ ଜଳଭଣ୍ଡାର ପାର୍ ହୋଇପାରିନାହିଁ। ଉକ୍ତ ଜଳଭଣ୍ଡାର ପାର୍ ହେଲେ ଦକ୍ଷିଣ ବାଙ୍କୁରାର ବାରମାଇଲ୍ ଜଙ୍ଗଲରେ ପ୍ରବେଶ କରିବାର ଆଶଙ୍କା ରହିଛି। ଜିନ୍ନତ ଯେଉଁଭଳି ଚାଲୁଛି ଏଭଳି ଧାରା ଜାରି ରହିଲେ ୧୫ ଦିନ ମଧ୍ୟରେ ସେ ସୁନ୍ଦରବନ ଜଙ୍ଗଲରେ ପ୍ରବେଶ କରିବା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ଜିନ୍ନତ ପଛେ ପଛେ ବନ ଅଧିକାରୀ ଚାଲିଥିବା ବେଳେ ତାକୁ ଧରିବା କିମ୍ବା ଧରାପଡ଼ିବା ନେଇ ସନ୍ଦେହ ଉପୁଜିଛି। ଶିମିଳିପାଳର ପାଣିପାଗ ସହ ଖାପଖୁଆଇ ପାରି ନ ଥିବା ଦୁଇ ବାଘୁଣୀ ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ବନ ଅଧିକାରୀଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ ଓ ଦୂରଦୃଷ୍ଟିର ଅଭାବ ଯୋଗୁ ଏପରି ପରିସ୍ଥିତି ଦେଖିବାକୁ ମିଳିଲା। ସୁଚିନ୍ତିତ ଯୋଜନା ଓ ଆଲୋଚନା କରାଯାଇ ମିଶନ ଆରମ୍ଭ କରିବାର ଆବଶ୍ୟକତା ରହିଥିଲା। ଏଣୁ ଯୋଜନା ସଫଳ ହେବା ପରିବର୍ତ୍ତେ ସାତକୋଶିଆରେ ମହାବୀର ଓ ସୁନ୍ଦରୀ ବାଘ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ୧୯୨ ଘଣ୍ଟା ପରେ ବାଘୁଣୀ ଜିନ୍ନତକୁ ବନ କର୍ମଚାରୀମାନେ ଦେଖିଥିଲେ। ଶନିବାର ସକାଳେ ଟ୍ରାଙ୍କୁଲାଇଜ୍ ଫାୟାର କରାଯାଇଥିଲା। କିନ୍ତୁ ଗୁଳି ଜିନ୍ନତ ଶରୀରରେ ବାଜିଛି କି ନାହିଁ ତାହାର ତଦନ୍ତ କରାଯାଉଥିବା ପଶ୍ଚିମବଙ୍ଗର ଦକ୍ଷିଣ-ପଶ୍ଚିମ ବନପାଳ ବିଦ୍ୟୁତ୍ ସରକାର କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ପ୍ରେମକୁମାର ଝାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଟ୍ରାଙ୍କୁଲାଇଜ୍ କରି ଜିନ୍ନତକୁ ଶିମିଳିପାଳ ଫେରାଇ ଅଣାଯିବ ବୋଲି କହିଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ

### ଦୁର୍ଘଟଣା ପରେ ଜଳିଗଲା ବାଇକ୍

ରାଇରଙ୍ଗପୁର,୨୮।୧୨(ମାନସ ରଞ୍ଜନ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ମହୁଲଡିହା ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ତିରିଂ ଥାନା ଅଧୀନ ଜିରେଇ ଗ୍ରାମର ବୁଢ଼ାନ ମୁର୍ମୁ ଏବଂ ବିଶ୍ୱନାଥ ସୋରେନ। ଦୁର୍ଘଟଣା ପରେ ବାଇକ୍‌ରେ ନିଆଁ ଲାଗି ଜଳିଯାଇଥିବା ଖବର ମିଳିଛି। ବାଇକ୍ ଆରୋହୀ ଦ୍ୱୟ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ତଦନ୍ତ ଜାରି ରଖିଛନ୍ତି।

## ବ୍ଲକ୍‌ରେ ଖୋଲିବ ଶୀତଳଭଣ୍ଡାର

■୯ମ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ
■ବୈଠକ ପରେ ଲୋକଙ୍କ ସମସ୍ୟା ଶୁଣିଲେ ମନ୍ତ୍ରୀ

ମୋରଡ଼ା,୨୮।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ଶୁକ୍ରବାର ପଞ୍ଚାୟତ ସମିତିର ୯ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ସାଧାରଣ ବଣ୍ଟନ, ମତ୍ସ୍ୟ ଚାଷ ଆଦି ବିଷୟରେ ଆଲୋଚନା କରାଯାଇଛି। ବ୍ଲକ୍‌ରେ ଦୁଇଟି ଶୀତଳ ଭଣ୍ଡାର ଖୋଲାଯିବା ନେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅବଗତ କରାଯାଇଛି।

ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ ଯକ୍ଷ୍ମା ରୋଗର ନିରାକରଣ ବାବଦରେ କହିଥିଲେ। ସମିତିସଭ୍ୟ ଲକ୍ଷ୍ମୀଧର ମାର୍ଣ୍ଡି ଡାକ୍ତରଖାନାକୁ ସଫାସୁତୁରା ରଖିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଉଦ୍ୟାନ କୃଷି ବିଭାଗ ସହକାରୀ ଅଧିକାରୀ ବିଜୟ କୁମାର ସେଠୀ କହିଥିଲେ, ମୋରଡ଼ା ବ୍ଲକକୁ ୨୭,୦୦୦ ଗେଣ୍ଡୁଚାରା ମାଗଣାରେ ପ୍ରଦାନ କରାଯାଇଛି। ଏଥିସହ ବ୍ଲକରେ ଦୁଇଟି ଶୀତଳ ଭଣ୍ଡାର ଖୋଲାଯିବ ବୋଲି କହିଥିଲେ। ବୈଠକରେ ଶିଶୁ ବିକାଶ ଏବଂ ଶିକ୍ଷା ବିଭାଗର କୌଣସି ଅଧିକାରୀ ପ୍ରଥମେ ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ବିଡିଓ ଅଣାକର ନାଏକ ବୈଠକ ପରିଚାଳନା କରିଥିଲେ। ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରାୟ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଏଇଇ ମୋତିଲାଲ ଡୁଙ୍ଗ, ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସଭ୍ୟ ଅଭିରାମ ଭୋଇ, ପିଇଓ ପ୍ରସନ୍ନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ମନ୍ତ୍ରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମସ୍ୟା ଶୁଣିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଠାକୁରମୁଣ୍ଡା,୨୮।୧୨(ତାରାକାନ୍ତ ପଟ୍ଟନାୟକ): ନିଖୋଜର ୩ ଦିନ ପରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଏକ କାଜୁ ବଗିଚାରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ମୃତକ ହେଲେ ଠାକୁରମୁଣ୍ଡାର କୁଶଧର ମହାନ୍ତଙ୍କ ପୁଅ ରଘୁନାଥ (୨୪)। ସୂଚନା ଅନୁଯାୟୀ, ସେ ଗତ ୨୫ ତାରିଖ ସକାଳୁ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଶନିବାର ଘରଠାରୁ ୫ କି.ମି. ଦୂର ଚାଇଁବାଇଁଶୀ ଗ୍ରାମ ନିକଟରେ ଥିବା ଏକ କାଜୁ ବଗିଚାରେ ବେକରେ ଗାମୁଛା ଲାଗି ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସରପଞ୍ଚଙ୍କଠାରୁ ଖବର ପାଇ ଠାକୁରମୁଣ୍ଡା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଯୁବ ରେଡ୍‌କ୍ରସ ତାଲିମ ଶିବିର

କେନ୍ଦୁଝର,୨୮।୧୨(ଦୀପକ ମିଶ୍ର)

ଭାରତୀୟ ରେଡ୍‌କ୍ରସ ଓଡିଶା ରାଜ୍ୟ ଶାଖା ସହଯୋଗ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଆଇଡିପି ବିଲଡିଂ କ୍ୟାମ୍ପସରେ ୩ ଦିନିଆ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ସଂଯୋଜକ ଡ. ମମତା ମଞ୍ଜରୀ ପଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶାଖାର ଡ଼. ଗିରିଶ ସ୍ୱାଇଁ, ଅନ୍ୟତମ ଅତିଥିଭାବେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରର ଦୁଃଖବନ୍ଧୁ ନାୟକ, ସଂଯୋଜକ ହିମାଂଶୁ ଶେଖର ମହାନ୍ତ, ପୂର୍ବତନ ରେଜିଷ୍ଟ୍ରର ନରେନ୍ଦ୍ର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଶିବିରରେ ଜିଲାର ୪୦ଟି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୯୭ଜଣ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ରେଡ୍‌କ୍ରସ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହିତ ସାଇବର ସୁରକ୍ଷା, ରାସ୍ତା ସୁରକ୍ଷା, ପ୍ରାଥମିକ ଚିକିତ୍ସା, ଅଗ୍ନିଶମ, ଏଚ୍‌ଆଇଭି ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀ ଅସୀମ ଦେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ବାହିନୀର ଆବଶ୍ୟକତା ଓ ସାମ୍ପ୍ରତିକ ସମୟରେ ଉପଯୋଗିତା ସମ୍ପର୍କରେ ବିସ୍ତୃତ ବାଖ୍ୟା କରିଥିଲେ। ଅନ୍ୟତମ ଅତିଥିଭାବେ ଏନ୍‌ଏସ୍‌ଏସ୍ ସଂଯୋଜିକା ସରିତା ନାୟକ, ରେଜିଷ୍ଟ୍ରର ଦୁଃଖବନ୍ଧୁ ନାୟକ ଯୋଗଦେଇଥିଲେ। ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଡ.ମନମୋହନ ସିଂଙ୍କ ବିୟୋଗରେ ଶୋକ

ଚମ୍ପୁଆ,୨୮।୧୨(ମହେଶ୍ୱର ଦାସ)

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତର ଆର୍ଥିକ ସଂସ୍କାରର ବିଦ୍ଧାଣୀ ଡ. ମନମୋହନ ସିଂହଙ୍କ ବିୟୋଗରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ ଶୋକ ପ୍ରକାଶ କରିଛନ୍ତି। ବିଧାୟକଙ୍କ ଚମ୍ପୁଆସ୍ଥିତ ବ୍ୟକ୍ତିଗତ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ବକ୍ତବ୍ୟରେ କହିଥିଲେ, ସ୍ୱର୍ଗତ ସିଂହ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ, ପୂର୍ବତନ ଅର୍ଥସଚିବ, ଅର୍ଥମନ୍ତ୍ରୀ ଏପରିକି ରିର୍ଜଭବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଗର୍ଭନର ଭାବରେ ନିଜର କାର୍ଯ୍ୟଦକ୍ଷତା ପାଇଁ ଦେଶବାସୀଙ୍କ ନିକଟରେ ଜନପ୍ରିୟ ହୋଇପାରିଥିଲେ। ଭାରତର ଏହି ଅମୂଲ୍ୟ ରତ୍ନଙ୍କ ମୃତ୍ୟୁ ଦେଶପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଚମ୍ପୁଆ ବ୍ଲକ୍ ଚେୟାରମ୍ୟାନ ସୁରେଶ ନାଏକ, ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ୧୩ ନଂ. ଜିଲାପରିଷଦ ଉଦୟ ନାୟକ, ବିଜେଡି ଯୁବନେତା ଶୁବାସ ରାମ, ପାଣ୍ଡବ ଖିଲାର, ସତ୍ୟବାନ ଖିଲାର ପ୍ରମୁଖ ଯୋଗଦେଇ ନିରବ ପ୍ରାର୍ଥନା କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବର୍ଷକରେ ସରିଲାନି ୨ କି.ମି. ରାସ୍ତା କାମ

### ଜବରଦଖଲ ଉଚ୍ଛେଦ ହେଉନି, ଟ୍ରାଫିକ୍ ସମସ୍ୟା ବଢୁଛି



ରାସ୍ତାର ଏକ ସ୍ଥାନରେ ଖୋଲାଯାଇଛି।

ପାଟଣା,୨୮।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପୂର୍ତ୍ତ ବିଭାଗର ବ୍ୟସ୍ତ ବହୁଳ ପାଟଣା ମୁଖ୍ୟ ବଜାର ଦେଇ ନିର୍ମାଣ ହେଉଥିବା ୨ କି.ମି. ରାସ୍ତା କାମ ସରିବାରେ ନା ଧରୁନି। କାର୍ଯ୍ୟ ଶେଷ ଅବଧି ସରିଥିଲେ ହେଁ କାର୍ଯ୍ୟ ସରୁ ନ ଥିବାରୁ ରାସ୍ତାରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ପୂର୍ତ୍ତ ଓ ରାଜସ୍ୱ ବିଭାଗ ମଧ୍ୟରେ ସମ୍ମନ୍ୱୟ ଅଭାବରୁ ଜବତଦଖଲ ଉଚ୍ଛେଦ ହୋଇପାରୁନି। ଫଳରେ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏକ ବର୍ଷ ପୂର୍ବେ ଉକ୍ତ ୨ କି.ମି ୩ ଶହ ମିଟର ରାସ୍ତା କଂକ୍ରିଟ୍, ଡ୍ରେନ୍ ଓ ପେଭର ବ୍ଲକ୍ ପାଇଁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଆରକେଡି ଠିକାସଂସ୍ଥାର ଠିକାଦାର ରୋହନ ଦାସ କାର୍ଯ୍ୟ ଆରମ୍ଭ କରିଥିଲେ। ଚୁକ୍ତି ଅବଧି ପୁରି ୨ ମାସ ବିତି ଯାଇଥିଲେ ହେଁ କାର୍ଯ୍ୟ ଶେଷ ହେବାର ନା ଧରୁନାହିଁ। ରାସ୍ତାକୁ ବିଭିନ୍ନ ସ୍ଥାନରେ ଖୋଲି ଛାଡ଼ି ଦେଇଥିବାରୁ ଗାଡି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ରାସ୍ତା ଉପରେ ବେଆଇନ ଭାବେ ଟ୍ରକ୍, କାର, ଅଟୋ ଓ ବସ୍ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ବଢ଼ୁଛି। ଏ ନେଇ ଘଟଗାଁ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା କହିଛନ୍ତି, ପାଟଣା ବଜାରର ଦୋକାନୀମାନେ ରାସ୍ତା ଉପରକୁ ମାଡ଼ି ଆସି ଜବରଦଖଲ କରି ରହିଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ରାଜସ୍ୱ ବିଭାଗ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ୨ ଥର ଚିହ୍ନଟ ହୋଇଥିଲେ ହେଁ ଜବରଦଖଲକାରୀଙ୍କୁ ଉଚ୍ଛେଦ ନେଇ ନୋଟିସ୍ ହୋଇପାରିନାହିଁ। ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରୁ ନ ଥିବାରୁ ଠିକାସଂସ୍ଥା କାମ ଛାଡ଼ି ଦେବାକୁ ନୋଟିସ୍ ଦେଇ ସାରିଥିବା ପାଟଣା ଡିଭିଜନ ଯନ୍ତ୍ରୀ ମହେଶ୍ୱର ପାସା କହିଛନ୍ତି। ଏ ନେଇ ତହସିଲଦାର ଲୀଳାବତି ନାୟକ ଓ ଅତିରିକ୍ତ ତହସିଲଦାର ଶରଣ ଜେନାଙ୍କୁ ଯୋଗାଯୋଗ କରିଥିଲେ ହେଁ ପ୍ରତିକ୍ରିୟା ମିଳିପାରିନାହିଁ।

## ନିମ୍ନମାନର ଅନୁମତିରେ ଉନ୍ନତମାନର ଖଣିଜ ପରିବହନ

### ଟ୍ରେଡିଂ, ଟ୍ରାନ୍ସପୋର୍ଟ କମ୍ପାନୀ ତଦନ୍ତ ପରିସରଭୁକ୍ତ

ଯୋଡ଼ା,୨୮।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ାଠାରେ ଥିବା ଓଏମ୍‌ଡିସି ଖଣିରୁ ବେଆଇନ ଭାବେ ଉନ୍ନତମାନର ଖଣିଜ ପରିବହନ କରାଯାଉଛି। ଏ ନେଇ ଅଭିଯୋଗ ପରେ ପୋଲିସ ଓ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ୧୩ଟି ଟ୍ରକ୍‌କୁ ଅଟକ ରଖାଯାଇଥିଲା। ନିମ୍ନମାନର ଖଣିଜ ଅନୁମୋଦନ ନେଇ ଏହି ଖଣିରୁ ଉଚ୍ଚ ମାନର ଖଣିଜ ପରିବହନ କରାଯାଉଥିଲା। ଯାଞ୍ଚରେ ଖଣିଜ ଟ୍ରେଡିଂ କରୁଥିବା ସାର୍କ ନାମକ କମ୍ପାନୀ ପରିବହନ କରୁଥିବା ତୁଳସୀ ଟ୍ରାନ୍ସପୋର୍ଟକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। ଏତଦ୍ ବ୍ୟତୀତ ବଲାଣି ଥାନା ଅନ୍ତର୍ଗତ ହରମଠଠାରେ ଥିବା ଏକ କାରଖାନା ଏହି ଖଣିଜକୁ କ୍ରୟ କରୁଥିବା ହେତୁ ଏହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଥିବା ଖଣି ନିରୀକ୍ଷକ ଦେବେନ୍ଦ୍ର ନାଥ ଦଳେଇ କହିଛନ୍ତି।

ବିଭାଗ ସୂଚନା ଅନୁଯାୟୀ, ପରିବହନକାରୀ ସଂସ୍ଥା ତୁଳସୀ ଟ୍ରାନ୍ସପୋର୍ଟ ଏବଂ ସାର୍କ ମଧ୍ୟରେ ଆପୋସ ବୁଝାମଣା କରାଯାଇ ଖଣି ବିଭାଗର ଅଗୋଚରରେ ଏହି କାରବାର ହେଉଥିଲା। ଏହିପରି କାର୍ଯ୍ୟ ଉକ୍ତ ଖଣିରୁ ବାରମ୍ବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। କେଉଁ କେଉଁ ଖଣିଜ ଟ୍ରେଡ୍‌ର ଏଠାରୁ ଖଣିଜ ନେଇଛନ୍ତି ଏବଂ ପରିବହନକାରୀ ସଂସ୍ଥାର ସନ୍ଦିଗ୍ଧ ଭୂମିକାକୁ ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଓଏମ୍‌ଡିସି ଖଣିର ମ୍ୟାନେଜର ସମର ଚକ୍ରବର୍ତ୍ତୀଙ୍କୁ ଜେରା କରାଯାଉଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ଲୁହାପଥର ଏହିପରି ଭାବେ ଅନିୟମିତତା କରାଯାଇ ପରିବହନକାରୀ ସଂସ୍ଥା, ଟ୍ରେଡ୍‌ର ଏବଂ ଖଣିଜକୁ କ୍ରୟ କରୁଥିବା ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ସ୍ଥାପନକରି ବିକ୍ରି କରାଯାଉଥିଲା। ପୂର୍ବରୁ ଏହି ପରିବହନକାରୀ ସଂସ୍ଥା ତୁଳସୀ ଟ୍ରାନ୍ସପୋର୍ଟ ନାମରେ ପରିବହନରେ ଅନିୟମିତତା କରିଥିବା ନେଇ ଅଭିଯୋଗ ରହିଥିଲା। ଏହାର ଯାଞ୍ଚ ଖଣି ବିଭାଗ ଓ ସ୍କ୍ୱାଡ୍ କରିଥିଲେ। ବାରମ୍ବାର ଅଭିଯୋଗ ହୋଇ ଆସୁଥିବାରୁ ସମ୍ପୃକ୍ତ ସଂସ୍ଥା ପରିବହନ ଲାଇସେନ୍ସକୁ ଯାଞ୍ଚକରି ଖଣି ବିଭାଗ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଖଣିର ମ୍ୟାନେଜର ସମର ଚକ୍ରବର୍ତ୍ତୀ କହିଛନ୍ତି, ଏ ନେଇ ଖଣି ବିଭାଗ ତଦନ୍ତ କରୁଛି, ପରିବହନ ସଂସ୍ଥା ଏହି ବେଆଇନ କାର୍ଯ୍ୟ କରିଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଷ୍ଟାକ୍‌ରୁ ପରିବହନ ଅନୁମତି ନେଇ ଓଏମ୍‌ଡିସି ଖଣି କର୍ତ୍ତୃପକ୍ଷଙ୍କ ପ୍ରୋତ୍ସାହନରେ ହିଁ ଏହି ପରିବହନ କରାଯାଉଥିଲା। ଏଥିପାଇଁ ଖଣି ବିଭାଗ ତଦନ୍ତକରି ପ୍ରଥମେ ଖଣି କର୍ତ୍ତୃପକ୍ଷ ଓ ପରିବହନ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଭବେଶ

ସିମୁଳିଆ, ୨୮।୧୨(ସନ୍ତୋଷ ନାୟକ)- ଶିକ୍ଷକ ସଂଘ ଓଷ୍ଟା ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ଉତ୍ସବରେ ସିମୁଳିଆ ବ୍ଲକ ପଞ୍ଚାୟତ ହାଇସ୍କୁଲ, ବାଟିର ନବମ ଶ୍ରେଣୀର ଛାତ୍ର ଭବେଶ ବେହେରା ବୁଦ୍ଧି ପରୀକ୍ଷାରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ଉତ୍ସବକୁ ମନୋନୀତ ହୋଇଛନ୍ତି।

ରାଜ୍ୟସ୍ତରୀୟ ଶିଶୁ ଉତ୍ସବ, ଓଷ୍ଟା କାର୍ଯ୍ୟାଳୟ କଟକରେ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ଭାବେ ଭବେଶ ବେହେରା ଯୋଗ୍ୟ ବିବେଚିତ ହୋଇଥିବାରୁ ସିମୁଳିଆ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବାଟି ଗ୍ରାମ କୈଳାସ ଚନ୍ଦ୍ର ବେହେରା ଓ ସୁକାନ୍ତି ବେହେରାଙ୍କ ଏକ ମାତ୍ର ସନ୍ତାନ ହେଉଛନ୍ତି ଭବେଶ, ତାଙ୍କର ଏହି ସଫଳତା ପାଇଁ ତାଙ୍କ ଦାଦା ଗୋପବନ୍ଧୁ ବେହେରା ଓ ବିଦ୍ୟାଳୟ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।



## ବହିମଣିଷ ବିକାଶଙ୍କୁ ବହିବନ୍ଧୁ ସମ୍ମାନ ପ୍ରଦାନ



ବାହାନଗା, ୨୮।୧୨(ଅରୂପ କୁମାର ଦାସ)

ବାହାନଗା ବ୍ଲକ ବରିପଦା ପଞ୍ଚାୟତ ମଦନାପୁର ଶାସନରେ ଗଢିଉଠିଥିବା ଲୋକନାଥ ପାଠାଗାରର ପ୍ରତିଷ୍ଠାତା ତଥା ସଂଗ୍ରାହକ ବିକାଶ ଶତପଥୀଙ୍କୁ ବହିବନ୍ଧୁ ମଣିଷ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହା ଟାଇମ୍ ପାଶ ପ୍ରକାଶନୀ ପକ୍ଷରୁ ଗୁରୁ କେଳୁଚରଣ ସଭାଗୃହରେ ଦୁଇଦିନ ଧରି ଚାଲିଥିବା ପ୍ରଥମ ଦିବସରେ ଏହ ବହିବନ୍ଧୁ ସମ୍ମାନ ପୁରସ୍କାର ବିକାଶ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ହାତରୁ ମୋବାଇଲ ଛାଡି ବହି ଖଣ୍ଡେ ପଢିବା ପାଇଁ ଶତପଥିଙ୍କ ପ୍ରଚେଷ୍ଟାକୁ ମନେପକାଇ ଟାଇମପାସ୍‌ର ମୁଖ୍ୟ ସରୋଜ ବଳ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଥାକାର ତରୁଣକାନ୍ତ ମିଶ୍ର ଓ ଗ୍ରନ୍ଥକାର ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଆମର ବନ୍ଧୁ ଉପରେ ଆଲୋଚନା କରିଥିଲେ। ସାହିତ୍ୟିକ ବିଜୟ ମଲ୍ଲ ପରିଚାଳନା କରିଥିଲେ। ବାଇଚଡେଇର ସମ୍ପାଦକ ବିକାଶ କୁମାର ଶତପଥି ବିଭିନ୍ନ ବିଦ୍ୟାଳୟ ବୁଲି ବୁଲି ମୋବାଇଲ ଛାଡି ବହି ପଢ ନିଃଶୁଳ୍କ ଅଭିଯାନ ଚଳାଇଛନ୍ତି।

## ବ୍ଲୁ-ଲେକ୍ ନିକଟରୁ ମୁମୂର୍ଷୁ ଅବସ୍ଥାରେ ମହିଳା ଉଦ୍ଧାର

ନୀଳଗିରି, ୨୮।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁରସ୍ଥିତ ବ୍ଲୁ-ଲେକ୍ ନିକଟରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଶନିବାର ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ନୀଳଗିରି ପୋଲିସ ପହଞ୍ଚି ଅଜଣା ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଅଣାଯାଇ ଥିଲା। ବର୍ତ୍ତମାନ ମହିଳାଙ୍କ ଚିକିତ୍ସା ଜାରି ରହିଛି। ତେବେ ମହିଳାଜଣକର ଠିକଣା ମିଳି ନ ଥିବା ବେଳେ ସେ ମାନସିକ ଭାରସାମ୍ୟ ହରାଇ କେଉଁ ଆଡୁ ଚାଲିଆସିଛନ୍ତି ନା ତାଙ୍କୁ କିଏ ନେଇ ସେଠାରେ ଛାଡ଼ିଦେଇଛନ୍ତି ତାହା ଜଣାପଡ଼ିନାହିଁ।

## ଆୟୁଷ୍ମାନ୍ ଫାଉଣ୍ଡେଶନକୁ ଅଟଳ ଆୱାର୍ଡ

ଖଇରା, ୨୮।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା, ସମୁଳିଆ ସମେତ ନୂଆଦିଲ୍ଲୀରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ସମର୍ପିତ ଆୟୁଷ୍ମାନ ଫାଉଣ୍ଡେଶନକୁ ଚଳିତବର୍ଷ ଅଟଳ ଆୱାର୍ଡରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁଶନାଲ କ୍ଲବ ପରିସରରେ କିଶୋରୀଲାଲ ଫାଉଣ୍ଡେଶନ ଆନୁକୂଲ୍ୟରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗ ଉପମହାନିର୍ଦ୍ଦେଶକ ଡିକେ ଓଝା, ଜମ୍ମୁକଶ୍ମୀର ଉପରାଜ୍ୟପାଳଙ୍କ ମିଡିଆ ପରାମର୍ଶଦାତା ରାମାକାନ୍ତ ପାଣ୍ଡେୟ, ଭାଜପା ପୂର୍ବାଞ୍ଚଳ ମୋର୍ଚ୍ଚା ଉପାଧ୍ୟକ୍ଷ ଜଗଦମ୍ବା ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧନା ଅବସରରେ ଫଳକ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ, ନିବେଦିତା ଜେନା, ଦମୟନ୍ତୀ ସାମଲ, ଆକାଂକ୍ଷା ସାମଲ, ଦେବାଶିଷ ବେହେରା, ନିର୍ମଳ ଦାସ, ହେମନ୍ତ ଦାସ ପ୍ରମୁଖ ଅତିଥିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।




ସଙ୍ଗଠନ ସଦସ୍ୟମାନେ ଅତିଥିମାନଙ୍କଠାରୁ ଫଳକ ଓ ମାନପତ୍ର ଗ୍ରହଣ କରୁଛନ୍ତି।

# 'ଓଡ଼ିଆ ଜ୍ଞାନ ବିଜ୍ଞାନର ଭାଷା ହେଉ'

### ଓଡ଼ିଶା ଗବେଷଣା ସମ୍ମିଳନୀ ଉଦ୍‌ଯାପିତ

ବାଲେଶ୍ୱର, ୨୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପରିଷଦର ମିଳିତ ସହଭାଗିତାରେ ଆୟୋଜିତ ଓଡ଼ିଶା ଗବେଷଣା ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ବୈଷୟିକ ଅଧିବେଶନରେ 'ଶିଳ୍ପର ସ୍ଥାୟୀ ଅଭିବୃଦ୍ଧି ପାଇଁ ଗବେଷଣା ଓ ବିକାଶ' ସମ୍ପର୍କିତ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥିତ ଆଇଏମ୍‌ଆଇ ଶିକ୍ଷାନୁଷ୍ଠାନ ଡିନ୍ ପ୍ରଫେସର ସୁପ୍ରୀତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଆଲଏକ୍ ବସ୍ତୁ ବିଜ୍ଞାନର ଜେନେରାଲ ମ୍ୟାନେଜର ଡ. ରାଜେଶ ଝା, ଓରିପୋଲ ଅଧିକାରୀ ଆଦିତ୍ୟ ବେହେରା ଓ ଇମାମୀ ପେପର ମିଲସ- ଗୁଣବତ୍ତା ନିଶ୍ଚିତତା ବିଭାଗର ଡିଜିଏମ୍ ଏଲ୍ ସୁରେଶ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ବୈଷୟିକ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଓଡ଼ିଆ ଭାଷାକୁ ଜ୍ଞାନ ବିଜ୍ଞାନର ଭାଷା କରିବା ଲକ୍ଷ୍ୟ ହେଉ। ଏହାର ଉନ୍ନତ ଗବେଷଣା ପାଇଁ ବିଭିନ୍ନ ଦିଗଗୁଡିକର ସମ୍ଭାବନା ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂ ମଞ୍ଚାସୀନ ଥିଲେ। ସମ୍ମିଳନୀ ଆବାହକ ଡ. ପଙ୍କଜ କୁମାର ପାଢ଼ୀ ସ୍ୱାଗତଭାଷଣ, ସହଆବାହକ ଡ. ନିହାର ରଞ୍ଜନ ରାଉତ ସମ୍ମିଳନୀର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପ୍ରଫେସର ସୋନାଲି ଦାସ, ଆସିଷ୍ଟାଣ୍ଟ ପ୍ରଫେସର ଜଶସ୍ୱୀ ରାଉତ ଓ ନନ୍ଦିନୀ ଘୋଷ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବିବେଚିତ ୧୨ ଗବେଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳସଚିବ କୁକୁମିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

